ସମାଜ
The Samaja

ମନୁଷ୍ୟ, ସମାଜ ଓ ବିଜ୍ଞାନ ପରସ୍ପର ପରିପୂରକ

ଆଇଆଇଟି ଭୁବନେଶ୍ୱର ପାଇଲା ବିଶ୍ୱବିଦ୍ୟାଳୟ ପୁରସ୍କାର

ଭୁବନେଶ୍ୱର, ୨୮ ।୨(ନି.ପ୍ର): ସମାଜରେ ଉନ୍ନତ ଜୀବନ ଧାରଣ କରିବାକୁ ହେଲେ ବିଜ୍ଞାନର ଭୂମିକା ରହିଛି । ଦେଶ ବିକାଶ ଦିଗରେ ଛାତ୍ରଛାତ୍ରୀ ବିଜ୍ଞାନ ଓ ବୈଷୟିକ ଶିକ୍ଷା ଉପରେ ସଶକ୍ତ ହେବା ଦରକାର । ମନୁଷ୍ୟ, ସମାଜ ଓ ବିଜ୍ଞାନ ପରସ୍ପର ପରିପୂରକ । ବିଜ୍ଞାନ ଓ ବୈଷୟିକ ଶିକ୍ଷା ଉପରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀ ସର୍ବଦା ଗବେଷଣାକୁ ଅଧିକ ଗୁରୁତ୍ୱ ଦେବା ଉଚିତ ବୋଲି ମୁଖ୍ୟ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନର ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର ଏହା କହିଛନ୍ତି । ଆଜି ଆଇଆଇଟି ଭୁବନେଶ୍ୱର ଜାତୀୟ ବିଜ୍ଞାନ ଦିବସ ପାଳନ କରିଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ । ଫେବୃଆରୀ ୨୭ରୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା । ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର- ୨୦୨୧ ସମାରୋହରେ ୧୧-୩୦ ବର୍ଷ ଧରି ବିଦ୍ୟମାନ ଥିବା ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଟି ଭୁବନେଶ୍ୱରକୁ ବିଶ୍ୱବିଦ୍ୟାଳୟ ପୁରସ୍କାର ମିଳିଛି । ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜା କୁମାର, କହିଛନ୍ତି, "ଆଇଆଇଟି ଭୁବନେଶ୍ୱର ଶିକ୍ଷାଗତ ତଥା କାର୍ଯ୍ୟକ୍ଷମ ମାଧ୍ୟମରେ ଏକାଡେମିକ୍ ଉତ୍କର୍ଷତା ଆଣିଛି । ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ସହିତ ସମକକ୍ଷ ହୋଇପାରିଛି । ମହାମାରୀ ଆତ୍ମନିର୍ଭରଶୀଳ ପ୍ରତିବନ୍ଧତା ପୂରଣ କରିବାରେ ଅନେକ ଆହ୍ୱାନ ଦେଇଥିଲା । କେତେକ ପ୍ରତିଷ୍ଠିତ ଏବଂ ଅନନ୍ୟ ଅଭିନବ ପଦକ୍ଷେପ ପାଇଁ ଅନୁଷ୍ଠାନ ସମ୍ମାନ ପାଇପାରିଛି । ଛାତ୍ରଙ୍କ ଶିକ୍ଷାର ମୂଲ୍ୟାଙ୍କନ କରିବା ଏବଂ ଲକଡାଉନ୍ ଆରମ୍ଭରୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ଲକଡାଉନ୍ ସମୟରେ ଏବଂ ତା'ପରେ କ୍ୟାମ୍ପସରେ ରହିଥିବା ଛାତ୍ର, ଅଧ୍ୟାପିକା, କର୍ମଚାରୀ ଏବଂ ସେମାନଙ୍କ ପରିବାର ଏବଂ ୨୦୦୦ ନିର୍ମାଣ ଶ୍ରମିକଙ୍କ ସମେତ ସମସ୍ତ କ୍ୟାମ୍ପସକୁ ସୁରକ୍ଷା ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।